Click Here & Upgrade
Expanded Features
Unlimited Pages
PDF Complete

ଓଡ଼ିଶାର ଶାକ୍ତଧାରାର ତନ୍ତ୍ର ବିଜ୍ଞାନ : ଏକ ସୂକ୍ଷ୍ମ ମୂଲ୍ୟାୟନ

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର

ପ୍ରଚ୍ଛଦପଟ -

(ଭାରତର ମୁଖ୍ୟ ଶାକ୍ତ ଭୂମିମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ଶାକ୍ତଧାରାରେ ଆମକୁ ପରିଦୃଶ୍ୟ ହେଉଥିବା ଉପାସନାର ଦିଗଗୁଡ଼ିକ ବାହ୍ୟ ଆଭାସମାତ୍ର । ଉପାସନାର ପ୍ରତ୍ୟେକ ଦିଗର ପଶ୍ଚାତଭାଗରେ ଲୁକ୍‌କାୟିତ ରହିଛି ଏକ ବିଜ୍ଞାନଭିତ୍ତିକ ରହସ୍ୟ । ଏହି ରହସ୍ୟକୁ ଆମ ପୂର୍ବସୂରୀମାନେ 'ଦାର୍ଶନିକ - ରହସ୍ୟ' ଶବ୍ଦରେ ବ୍ୟକ୍ତ କଲେ ମଧ୍ୟ ତାହା ଆମ ପାଇଁ ଏବେ ବି ଅବ୍ୟକ୍ତ ହୋଇ ରହିଛି । ଦର୍ଶନ ଶବ୍ଦର ଉଚ୍ଚାରଣରେ ସାଧାରଣ ସଚେତନ ପାଠକଟିଏ ଦେଉଳରୁ ମୁଖଶାଳା ବଳି ପଡ଼ିବାଭଳି ଏକ ମନୋବୈଜ୍ଞାନିକ ସ୍ତରକୁ ଚାଲିଯବା ଫଳରେ ଏକ ବିଜ୍ଞାନଭିତ୍ତିକ ଉପାସନାଠାରୁ ଦୂରେଇ ଯାଏ । ଫଳରେ କିମ୍ଭୂତ-କିମାକାର ଅର୍ଥ ଅର୍ଥାନ୍ତର ହୁଏ । ଶାକ୍ତ ଉପାସନାର ବୈଜ୍ଞାନିକ ଦିଗଟି ବୌଦ୍ଧିକ ଆଲୋଚନାର ଆଢୁଆଳରେ ରହିଯାଏ । ଏହା ଯେ ଏକ ଜୀବନଭିତ୍ତିକ ଉପାସନା ତାହାର ବାସ୍ତବ ରହସ୍ୟ ଆମଠାରୁ ବହୁ ଦୂରକୁ ଚାଲିଯାଏ ।

ଓଡ଼ିଶାର ଶାକ୍ତ ଉପାସନାର ବୈଜ୍ଞାନିକ ଦିଗଟିକୁ ଆମେ ଆଲୋଚନା ପରିସରକୁ ଆଣିଛୁ । କାରଣ ଓଡ଼ିଶାର ଏହି ଉପାସନା ସର୍ବଭାରତୀୟ ଉପାସନାଠାରୁ ସାମାନ୍ୟ ସ୍ୱତନ୍ତ୍ର । ସଂପୂର୍ଣ୍ଣ ପ୍ରୟୋଗାତ୍ମକ ଓ ଶାସ୍ତ୍ରୀୟ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀଠାରୁ ଦୁର୍ଗା ଉପାସନା 'ତୋଷାଳୀ'ରୁ ହିଁ ଉଦ୍ଭବ ଓ ବିକାଶ ଲାଭ କରି ହଜାରେ ବର୍ଷ ପରେ 'ଶାବରତନ୍ତ୍ର'ର ସମ୍ମିଶ୍ରଣରେ ଏକ ନୂତନ ରୂପରେଖ ନେଇଛି । ଶାବରତନ୍ତ୍ରର ଆଦ୍ୟଭୂମି ଥିଲା ତତ୍କାଳୀନ ଓଡ୍ର ଭୂଖଣ୍ଡ । (ଦ୍ରଷ୍ଟବ୍ୟ- ଜୀବନଚରିତ, ବୁଦ୍ଧଦେବ-ଲେ-ପଣ୍ଡିତ ଚକ୍ରଧର ମହାପାତ୍ର, ପ୍ରକାଶକ- ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ ଏବଂ ମାଦଳାପାଞ୍ଜି - ଆର୍ତ୍ତବଲ୍ଲଭ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

ଆବାହନୀ :

ତନ୍ତ୍ର ! ଏକ ମୌନ ବିସ୍ଫୋଟ । ଯାହାର ନାମ ଶୁଣିଲେ ମନରେ ଭାବସ୍ଫୁର୍ତ୍ତି ଆସେ । କପାଳରେ ଘୃଣାର ରେଖା ଉଙ୍କିମାରେ ! ଆଖିରେ ଜୁଗୁପ୍‌ସାର ଭାବ ବି ଲହଡ଼ିମାରେ । ତୁଣ୍ଡରେ କୁ-ତର୍କ ଲହଡ଼ି ଭାଙ୍ଗେ । ବିପଦଗ୍ରସ୍ତ ମନରେ ଶ୍ରଦ୍ଧା ଓ ବିଶ୍ୱାସ ବି ଜନ୍ମନିଏ । ପ୍ରଶଂସା ମଧ୍ୟ ଆସେ ।

ବାସ୍ତବରେ ଏ ତନ୍ତ୍ରର ଇତିହାସ କ'ଣ ? କେବେ କେଉଁ ସମୟରେ 'ତନ୍ତ୍ର'ର ପ୍ରାଦୁର୍ଭାବ ହୋଇଥିଲା ସଠିକ୍ କରିବା ସମ୍ଭବ ହୋଇନାହିଁ । ବେଦରେ ତନ୍ତ୍ର ଶବ୍ଦର ଉଲ୍ଲେଖ ନାହିଁ ସତ୍ୟ, କିନ୍ତୁ 'ଅଥର୍ବଣ'ରେ ତାନ୍ତ୍ରିକ କର୍ମର ବିବରଣ ଅଭାବ ନାହିଁ । ଏହାର ଅର୍ଥ ଆମେ ବୁଝିବା ଯେ ତନ୍ତ୍ରଶାସ୍ତ୍ର ବା ଆଗମଶାସ୍ତ୍ର ଗୋଟିଏ ସ୍ୱତନ୍ତ୍ର ରୂପରେଖ ନେଇଛି ପରବର୍ତ୍ତୀ କାଳରେ । ପ୍ରଥମେ ଏହାର ସ୍ୱତନ୍ତ୍ର ରୂପରେଖ ନଥିଲା ସତ୍ୟ, କିନ୍ତୁ ତନ୍ତ୍ରଦର୍ଶନର ଏକ ଭିନ୍ନ ଧାରା ବହୁ ପ୍ରାଚୀନ କାଳରୁ ଆମର ସନାତନ ଧାରାରେ ରହିଆସିଛି । ଏହାର ଦୁଇଟିଯାକ ପ୍ରାୟୋଗିକ ଏବଂ ଶାସ୍ତ୍ରୀୟଧାରା ମାନବ ଚେତନାର ବିକାଶ ସହିତ ବିକଶିତ ହୋଇ ଆସିଛି ।

ପ୍ରାଚୀନତ୍ୱ :

ବେଦଯୁଗ ପରେ ଉପନିଷଦ ଯୁଗ । ତା'ପରେ ପୁରାଣଯୁଗର ଆରମ୍ଭ । ଏହି ଯୁଗ ନିଶ୍ଚିତ ଭାବରେ ଖ୍ରୀଷ୍ଟପୂର୍ବରୁ ତା'ର ଭିତ୍ତିଭୂମି ପକାଇ ସାରିଥିଲା । ନହେଲେ ଖ୍ରୀ:ପୂ: ୩୦୦ ବର୍ଷ ପୂର୍ବରୁ ରଚିତ 'ଆପସ୍ତମ୍ଭଧର୍ମସୂତ୍ର'ରେ ଭବିଷ୍ୟ ମହାପୁରାଣର ଉଲ୍ଲେଖ ମିଳୁନଥାନ୍ତା ।

ପୁରାଣ ସାହିତ୍ୟରେ ତନ୍ତ୍ର ସାଧନାର ସିଦ୍ଧି ସମ୍ବନ୍ଧରେ ବହୁ ଉଲ୍ଲେଖ ଆମକୁ ମିଳୁଛି । ମାତ୍ର 'ତନ୍ତ୍ର-ସାଧନା'ର କ୍ରିୟା ପ୍ରତ୍ୟକ୍ଷ ଭାବରେ ମିଳୁନାହିଁ । କେବଳ କେତେକ ସଂକେତ ମାତ୍ର ମିଳୁଛି । ଶିବପୁରାଣର ଜଳନ୍ଧର ଯୁଦ୍ଧ ପ୍ରସଙ୍ଗରେ ବିଷ୍ଣୁଙ୍କର ପତିବ୍ରତା 'ବୃନ୍ଦା'ଙ୍କୁ

Click Here & Upgrade
Expanded Features
Unlimited Pages
PDF Complete

ଅପବିତ୍ର କରିବା, ପରାଶର ମୁନିଙ୍କର ମତ୍ସଗନ୍ଧା ସତ୍ୟବତୀଙ୍କୁ ଦିବାକାଳରେ ରତି ପ୍ରାର୍ଥନା, ତନ୍ତ୍ରୋକ୍ତ ସାଧନା ମନେହୁଏ ।

କାରଣ 'ରୁଦ୍ରଯାମଳ ତନ୍ତ୍ର'ରେ ପାଞ୍ଚୋଟି ତନ୍ତ୍ରୋକ୍ତ ଚକ୍ରର ବିବରଣୀ ମିଳେ । ଏଥିରେ ପ୍ରଥମ ଚକ୍ର ହେଉଛି ରାଜଚକ୍ର । ଏହି ଚକ୍ରରେ ପଞ୍ଚଶକ୍ତିଙ୍କର ଉପାସନା ନିର୍ଦ୍ଦିଷ୍ଟ ହୋଇଛି । ଏମାନେ ହେଲେ ଯବନୀ, ରଜକୀ, ଯୋଗିନୀ, ସ୍ୱପଚୀ (ଚାଣ୍ଡାଳ ବା ପତିତ ଜାତିର ସ୍ତ୍ରୀ) କୈବର୍ତ୍ତକୀ । ତେଣୁ ସତ୍ୟବତୀ ହେଉଛନ୍ତି ଶେଷବର୍ଗର ଶକ୍ତି । କାରଣ ସେ ବସୁରାଜ ଧୀବରଙ୍କ କନ୍ୟା ରୂପେ ଜଣାଶୁଣା । ଏଇଠି ଜନ୍ମ ନେଇଥିଲେ କୃଷ୍ଣ ଦ୍ୱୈପାୟନ ବ୍ୟାସ ।

ତେଣୁ ସମ୍ଭାବନା ହୁଏ ଯେ ପରାଶର ମୁନି କୈବର୍ତ୍ତ କନ୍ୟା ସତ୍ୟବତୀଙ୍କ ଦ୍ୱାରା ତନ୍ତ୍ର ସାଧନାର ଗୁହ୍ୟତମ ଚକ୍ର ରାଜଚକ୍ରର ଅର୍ଚ୍ଚନା କରିଥିଲେ । କାରଣ ପରାଶରଙ୍କ ପରି ଜଣେ କୁଳୀନ ମୁନି କାମୁକ ହେବା ସମ୍ଭବ ହୋଇ ନପାରେ । ଜଣେ ମୁନି ହୋଇ ରତି ପ୍ରସ୍ତାବ ଦେଇ ପାରିବେ ? ଚିନ୍ତା କରିବାର ପ୍ରସଙ୍ଗ ଇୟେ !!

ସନାତନ ଧାରାରେ ତନ୍ତ୍ର ପରମ୍ପରା ଏକ ସ୍ୱତନ୍ତ୍ର ରୂପରେଖ ନେବାକୁ ବହୁବର୍ଷ ଲାଗିଥିବ । ଏହି ବିଜ୍ଞାନଭିତ୍ତିକ ପରମ୍ପରା ମଧ କମ୍ ପରୀକ୍ଷା ନିରୀକ୍ଷା ଦେଇ ଗତି କରି ନଥିବ ! ମାନବିକ ଚେତନାର ଶୀର୍ଷ ସ୍ଥାନରେ ପହଞ୍ଚିବା ପାଇଁ ମାନବ ସମାଜକୁ କମ୍ ମୂଲ୍ୟ ଦେବାକୁ ପଡ଼ିନଥିବ !!

ପ୍ରାୟୋଗିକ ପ୍ରଯୁକ୍ତି :

ଭାରତବର୍ଷରେ ତନ୍ତ୍ରର ଚମତ୍କାର ପ୍ରୟୋଗ ଶାକ୍ୟବଂଶର ରାଜା ବୁଦ୍ଧଦେବଙ୍କ ବାପା ପ୍ରଥମେ ପ୍ରାଚୀନ ତୋଷାଳୀରେ କରିଥିଲେ । ପରବର୍ତ୍ତୀ କାଳରେ ନାଥ ସମ୍ପ୍ରଦାୟ ପ୍ରାୟୋଗିକ ଏବଂ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଗ୍ରହଣ କରିଥିଲେ । ସପ୍ତମ/ଅଷ୍ଟମ ଶତାବ୍ଦୀବେଳକୁ ନାଥ ସମ୍ପ୍ରଦାୟର ମହାତ୍ମାମାନେ ଏହି ପ୍ରକ୍ରିୟାକୁ ଖୁବ୍ ଉଚ୍ଚସ୍ତରରେ ପହଞ୍ଚାଇ ଦେଇଥିବାରୁ ଏମାନଙ୍କୁ ତନ୍ତ୍ର ବିଜ୍ଞାନର ପ୍ରାୟୋଗିକ ପ୍ରଯୁକ୍ତିର ମୂଳବିଜ୍ଞାନୀ ବୋଲି କୁହାଯାଇପାରେ । ପୂର୍ବରୁ ଏହି ବିଜ୍ଞାନରେ ଥିବା ଅନେକ ମାର୍ଗର ଦ୍ୱାର ଏମାନେ ହିଁ ଉନ୍ମୁକ୍ତ କରିଥିଲେ । ପୁନରୁଦ୍ଧାର ପ୍ରକ୍ରିୟା ଏମାନଙ୍କର କାଳରୁ ହିଁ ଏକ ନୂତନ ଦିଗ୍‌ଦର୍ଶନ ଗ୍ରହଣ କରିଥିଲା । ନାଥ ସମ୍ପ୍ରଦାୟର ଆଦିଗୁରୁ ମତ୍ସ୍ୟେନ୍ଦ୍ରନାଥ କୌଳାଚାର ମାର୍ଗ, ଗୁରୁ ଗୋରକ୍ଷନାଥ ଶ୍ରୀକ୍ଷେତ୍ରରେ ରହି ଗୋରକ୍ଷନାଥ ଆଶ୍ରମ ପ୍ରତିଷ୍ଠା କରି ସେଠାରେ ହଠଯୋଗ ମାଧ୍ୟମରେ କୁଣ୍ଡଳିନୀମାର୍ଗ ଉନ୍ମୁକ୍ତ କରାଇବାରେ ସଫଳ ହୋଇଥିଲେ । ସେହିପରି ତାଙ୍କପରେ ଗୁରୁ ଜଳନ୍ଧର କର୍ଣ୍ଣପା-କାପାଳିକ ସାଧନାର ମାର୍ଗ ସରଳ କରିବାପରେ ତନ୍ତ୍ର ବିଜ୍ଞାନର ପ୍ରଯୁକ୍ତିବିଦ୍ୟା ଶୀର୍ଷ ସ୍ଥାନରେ ପହଞ୍ଚି ଥିଲା ।

ସ୍ମରଣଯୋଗ୍ୟ ଯେ ଏମାନଙ୍କ ପୂର୍ବରୁ ତନ୍ତ୍ର ତିନୋଟି ଶାଖାରେ ବିଭକ୍ତ ହୋଇସାରିଥିଲା । ଆଗମ, ଯାମଳ ଓ ତନ୍ତ୍ର । ତନ୍ତ୍ର ବିଜ୍ଞାନର ଶ୍ରେଷ୍ଠ ପ୍ରବକ୍ତା ବିଂଶ ଶତାବ୍ଦୀର ମହାମହୋପାଧ୍ୟାୟ ଗୋପୀନାଥ କବିରାଜ ଥିଲେ । ସେ ମା' ଆନନ୍ଦମୟୀଙ୍କ ସଙ୍ଗେ ଶ୍ରୀକ୍ଷେତ୍ରରେ ବହୁବର୍ଷ ଗୁପ୍ତରେ ଅବସ୍ଥାନ କଲାପରେ ଶ୍ରୀଜଗନ୍ନାଥ ଉପାସନାର ଗୂଢ଼ତତ୍ତ୍ୱକୁ ବୁଝି ସାଧାରଣ ତତ୍ତ୍ୱରେ ମାନବିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ଏକ ତୁଳନାତ୍ମକ ଅର୍ଥ ପ୍ରଦାନ କରିଥିଲେ ।

ତାଙ୍କପରେ ଯିଏ ତନ୍ତ୍ର ବିଜ୍ଞାନକୁ ଆହୁରି ସରଳ ଉପାୟରେ ଉପସ୍ଥାପନ କରିଛନ୍ତି ସେ ହେଲେ ଶ୍ରୀମଦ୍ ଗୋବିନ୍ଦ ଶାସ୍ତ୍ରୀ । ଯେକି 'ଦେଶିକାଚାର୍ଯ୍ୟ' ରୂପେ ପରିଚିତ । ସେ ଯେତେବେଳେ ମତ ଦେଲେ ଯେ 'ଭାରତରେ ଜ୍ଞାନର ବିକାଶ ଦୁଇଟି ପ୍ରାମାଣିକ ଧାରା ଦେଇ ଗତି କରି ଆସିଛି । ଗୋଟିଏ ବେଦ, ଅନ୍ୟଟି ତନ୍ତ୍ର । ଉଭୟେ ଶବ୍ଦମୟ । ତେଣୁ ବିଶ୍ୱାସର ଭୂମି କୁହାଯାଏ ଏମାନଙ୍କୁ । ଗୋଟିକୁ ସ୍ୱୟମ୍ଭୂ (ବେଦ) କୁହାଯାଏ, ଅନ୍ୟଟିକୁ ଆଗମ (ତନ୍ତ୍ର) କୁହାଯାଏ ।' ସେତେବେଳେ ତନ୍ତ୍ର ବିଜ୍ଞାନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କଲା ।

ମାଧ୍ୟମିକ ପ୍ରଯୁକ୍ତି :

ଆଗମର ଗୋଟିଏ ଅର୍ଥ ବହୁଳ ପ୍ରଚାରିତ । ଆ-ଶିବଙ୍କ ମୁଖ କମଳରୁ ଆସିବା । ଗ-ଗୌରୀଙ୍କ ମୁଖକୁ ଯିବା । ମ-ବାସୁଦେବଙ୍କ ସମ୍ମତ ହେବା ।

କିନ୍ତୁ ଅନ୍ୟ ଅର୍ଥଟି ହେଲା - 'ଆ ସମନ୍ତାଦ୍ ଭାବେନ ଗମୟତୀତି ଆଗମଃ ।' ଯେଉଁ ବିଜ୍ଞାନ ଆମକୁ ପୂର୍ଣ୍ଣ ଭାବରେ ନେଇଯାଏ । ନେଇଯିବାର ସମ୍ଭାବନା ସେଇ ଗନ୍ତବ୍ୟ 'ବିନ୍ଦୁ'କୁ । ବିନ୍ଦୁ ସହିତ ଏକାକାର କରାଇ ଦେବାର ମାଧ୍ୟମିକ ପ୍ରଯୁକ୍ତି । ଯେଉଁଠି ସମସ୍ତ ଭେଦଭାବ ସମାପ୍ତ ହୋଇଯାଇଥାଏ । ସମସ୍ତ ଜଡ଼ତା ଅପସରି ଯାଇଥାଏ । ସେଇଥିପାଇଁ ଆଗମ ବା ତନ୍ତ୍ରକୁ ତନ୍ତ୍ର ବିଜ୍ଞାନୀମାନେ ମାଧ୍ୟମିକ ପ୍ରଯୁକ୍ତି ବୋଲି ଅଧ୍ୟାତ୍ମ ରାଜ୍ୟରେ ବିବେଚନା କରନ୍ତି ।

ଯେଉଁ ବିଜ୍ଞାନ ଆମକୁ ଲକ୍ଷ୍ୟ ବିନ୍ଦୁ ପର୍ଯ୍ୟନ୍ତ ନେଇଯାଇଥାଏ, ତାହା ସାଧାରଣରେ 'ତନ୍ତ୍ର' ଭାବରେ ପରିଚିତ । ତେବେ ତନ୍ତ୍ର କହିଲେ ଆମେ କ'ଣ ବୁଝିବା ? କର୍ମକାଣ୍ଡ ପଦ୍ଧତି ନା ସିଦ୍ଧାନ୍ତ ପଦ୍ଧତି ? ନିୟମ ପଦ୍ଧତି ନା କଳ୍ପନା ପଦ୍ଧତି ! ବିଜ୍ଞାନ ପଦ୍ଧତି ନା ଅଧ୍ୟାୟ ପଦ୍ଧତି ! ପର୍ବ ପଦ୍ଧତି ନା ପୋଷାକ ପଦ୍ଧତି ! କର୍ମ କରିବାର ସଠିକ୍ ପଦ୍ଧତି ବୋଲି ବୁଝିବା ନା ରାଜକୀୟ ନେତୃତ୍ୱର ପ୍ରାନ୍ତ, ରାଜ୍ୟ ବା ଅଧିକାର ପଦ୍ଧତି ।

ଯେ ବିଜ୍ଞାନ, ନା ଶାସନର, ନା ଶାସନଗତ ଦଣ୍ଡବିଧିର,
ନା 'ମୋହ'ର ନା ଆଭିଜାତ୍ୟ ବସ୍ତୁବାଦୀ ଦୁନିଆର !
ଯେତ ଚରମ ଆହ୍ଲାଦର ପଦ୍ଧତି ... ।
କ୍ଷଣିକ ସୁଖର ନୁହେଁ ଚିର 'ଶାନ୍ତି'ର ।

ବ୍ୟାପକତା ଆକଳନ :

ତନ୍ତ୍ରବିଜ୍ଞାନ ସ୍ୱୟଂ ବିରାଟ ଓ ବ୍ୟାପକ । ତାକୁ ବିଭକ୍ତ କରାଇ ଖଣ୍ଡବୋଧ କରାଇବା ନିରପେକ୍ଷ ଜ୍ଞାନ ଦୃଷ୍ଟିରୁ ନିଷିଦ୍ଧ । 'ବର୍ଗୀକରଣ'

Click Here & Upgrade
Expanded Features
Unlimited Pages
PDF Complete Documents

ଶବ୍ଦ ପ୍ରୟୋଗକରି ବିଭାଜନ କରାଇବା ଏକ ସୁସ୍ଥ ପ୍ରକ୍ରିୟା ନୁହେଁ । ଅସୁସ୍ଥ ପ୍ରକ୍ରିୟା । ତେବେ ସାଧାରଣ ଜ୍ଞାନ ପିପାସୁଙ୍କ ପାଇଁ ବିଭାଜନ ମାଧ୍ୟମରେ ବ୍ୟାପକତାକୁ ଆକଳନ କରାଯାଇପାରେ । ତେଣୁ ଏହାକୁ ବିଭାଗୀକରଣ ନକହି ବ୍ୟାପକତା ଆକଳନ କହିବା ଯୁକ୍ତିଯୁକ୍ତ । ତାହା ହିଁ ଓଡ଼ିଶାର ଧାରା । ଓଡ଼ିଶାର ଶାକ୍ତ ପରମ୍ପରା ସେଥିପାଇଁ ବ୍ୟାପକ ଭାବରେ ପଲ୍ଲବିତ । ବାଲୁକାପୂଜା, ଖୁଦୁରୁକୁଣୀ ଓ ବୁଧେଇ ସୁଧେଇଠାରୁ ଶାବରତନ୍ତ୍ର ଦେଇ ଅଘୋରୀ ଉପାସନା ପର୍ଯ୍ୟନ୍ତ ସବୁକିଛି ସ୍ୱୀକୃତ । ଏଥିରେ ବିଭାଜନର ଲକ୍ଷ୍ମଣରେଖା ନାହିଁ । ଦକ୍ଷିଣ ଓଡ଼ିଶାର ‘ଘଟପୂଜା’ (ଠାକୁରାଣୀ ଯାତ୍ରା)ଠାରୁ କିଚକେଶ୍ୱରୀଙ୍କର ମୃଣ୍ମୟ ମୁଣ୍ଡପୂଜା ପର୍ଯ୍ୟନ୍ତ ଆମ ସଂସ୍କୃତିର ବିଭୂତି ।

ମୁକ୍ତିର ମୋହ :

ତନ୍ତ୍ରବିଜ୍ଞାନର ବାସ୍ତବ ଆକଳନ ପାଇଁ ସାତୋଟି ପାହାଚ ଦେଇଯିବାକୁ ହୁଏ । ସେଗୁଡ଼ିକ ହେଲା - ବେଦାଚାର, ବୈଷ୍ଣବାଚାର, ଶୈବାଚାର, ଦକ୍ଷିଣାଚାର, ବାମାଚାର, ସିଦ୍ଧାନ୍ତାଚାର ଓ କୌଳାଚାର ପାହାଚ । ଏହାର ସଠିକ୍ ଆଲୋଚନାକୁ ଲକ୍ଷ୍ୟ କରିବା କଥା । ଏହି ‘ସାତପାହାଚ’ କିପରି ଓଡ଼ିଆ ସଂସ୍କୃତିରେ ବିଧିବଦ୍ଧ ଅଙ୍ଗୀକୃତ ।

ପ୍ରଥମ ପାହାଚ ମୂଳରେ ପ୍ରଜାପତି ବ୍ରହ୍ମା ରହିଛନ୍ତି । ସୃଷ୍ଟି ସୃଜନର ଦେବତା ବ୍ରହ୍ମା ହିଁ ‘ବେଦ’ର ସଂରଚକ । ବେଦ ବିହିତ ଆଚାର ହିଁ ବେଦାଚାର । ଉପାସନାର ମୂଳ ଲକ୍ଷ୍ୟ ମୁକ୍ତି ।

ଦ୍ୱିତୀୟ ପାହାଚ ବୈଷ୍ଣବାଚାର । ଯାହାର ଅଧୀଶ ପ୍ରଭୁ ଶ୍ରୀବିଷ୍ଣୁ । ଶ୍ରୀବିଷ୍ଣୁଙ୍କର କାର୍ଯ୍ୟ ସୃଷ୍ଟିର ପୋଷଣ । ପୋଷଣ ଦେହ ପର୍ଯ୍ୟନ୍ତ ନୁହେଁ । ଦେହର ଅନ୍ତଃକରଣ ଓ ସାମଗ୍ରିକତା ସହିତ ସଂପର୍କିତ । ଠିକ୍ ଶ୍ରୀଜଗନ୍ନାଥଙ୍କ ଉପାସନାର ଅନ୍ତଃସ୍ରୋତ ପରି । ବୈଷ୍ଣବାଚାରର ମୂଳ ଲକ୍ଷ୍ୟ ଯେପରି ମୋକ୍ଷ ଓ ମୁକ୍ତି ସେହି ପରି ଓଡ୍ରରାଷ୍ଟ୍ରର ଉପାସ୍ୟ ମହାପ୍ରଭୁଙ୍କ ଉପାସନାର ମୂଳ ଲକ୍ଷ୍ୟ ।

ତୃତୀୟ ପାହାଚ, ଶୈବାଚାର । ଏହାର ଅଧିପତି ହେଲେ ପ୍ରଳୟାଧିପତି ଶିବ । ବିଜ୍ଞାନ ଦୃଷ୍ଟିରୁ ସୃଷ୍ଟି-ସ୍ଥିତି-ପ୍ରଳୟ ରହିବା ସ୍ୱାଭାବିକ । ଯେ ତିନିକର୍ମର ଅଧିପତିଙ୍କ ଆଚାର ମଧ୍ୟ ବିଜ୍ଞାନଠାରୁ ପୃଥକ୍ ରହିବା ସମ୍ଭବ ନୁହେଁ । ପ୍ରଳୟ ଅଥବା ସଂହାରର ଅଧିପତିଙ୍କ ସୁ-କୃପାର ପଥ ହିଁ ଶୈବାଚାର । ଆଚାର ଓ ଅଧିପତିଙ୍କ ମଧ୍ୟରେ ସାମାନ୍ୟ ଭିନ୍ନତା ଥାଇପାରେ, ମାତ୍ର ଶୈବାଚାର ହିଁ ଶୈବମାନଙ୍କର ଉତ୍ସ ହୋଇ ବିକାଶଲାଭ କରିଛି ଏହା ଆମକୁ ସ୍ୱୀକାର କରିବାକୁ ପଡ଼େ । ଉପାସନାର ମୂଳଲକ୍ଷ୍ୟ ମୋକ୍ଷ ଓ ମୁକ୍ତି ।

ନ୍ୟାସଠାରୁ ନାମାବଳୀ :

ଶ୍ରୀଦକ୍ଷିଣମୂର୍ତ୍ତି ଋଷି ଉପରୋକ୍ତ ତିନୋଟି ଆଚାରର ସମନ୍ୱୟାତ୍ମକ ସ୍ୱରୂପ ପ୍ରସ୍ତୁତ କରିଥିଲେ, ଯାହାକୁ ‘ଦକ୍ଷିଣାଚାର’ କୁହାଯାଏ । ଏହା ଚତୁର୍ଥ ପାହାଚ । ଏହି ଆଚାର ସଂପୂର୍ଣ୍ଣ କର୍ମକାଣ୍ଡଭିତ୍ତିକ ନ୍ୟାସଠାରୁ ନାମାବଳୀ ପର୍ଯ୍ୟନ୍ତ ।

ପଞ୍ଚମ ପାହାଚ ବାମାଚାର । ତନ୍ତ୍ରବିଜ୍ଞାନର ଔଦ୍ଧତ୍ୟର ଉଦ୍‌ଘୋଷଣ । ଔଦ୍ଧତ୍ୟ କହିଲେ ସଠିକ୍ ଆକଳନରୁ ଦୂରେଇ ଯିବା ଆମେ । ତେଣୁ ବିଜ୍ଞାନର ଟାଣପଣ କହିଲେ ଠିକ୍ ହେବ । ଏହି ଆଚାରକୁ ନେଇ ତନ୍ତ୍ରବିଜ୍ଞାନର ଗର୍ହିତ ପଦାର୍ଥକୁ ନେଇ ଭ୍ରମାତ୍ମକ ଅବସ୍ଥା ସୃଷ୍ଟି ହୋଇଛି । ଏହି ପାହାଚର ଖୋଲାଦ୍ୱାର ଅନେକ ଅନାଚାରୀ କୁପାତ୍ରଙ୍କୁ ପ୍ରବେଶ ଅଧିକାର ଦେଇଛି । ସେଇମାନଙ୍କ ପାଇଁ ଯେ ପଥ କୁଖ୍ୟାତ ହୋଇପଡ଼ିଛି । ନଚେତ୍ ଏକ ଯୋଗଭିତ୍ତିକ ବିଜ୍ଞାନର ପଥ କଣ୍ଟକିତ ହୋଇନଥାନ୍ତା ।

ଯେ ପଥ ସମୃଦ୍ଧ ବି ହୋଇଛି । ଚଉରାଅଶୀ ସିଦ୍ଧ ପରମ୍ପରା ଏହାକୁ ସମୃଦ୍ଧ କରିଛି । ଏହାରର ପଞ୍ଚମକାର, ପଞ୍ଚ ପଦାର୍ଥ (ବିଷ୍ଠା, ଧାରାମୃତ, ଶୁକ୍ର, ରକ୍ତ ଓ ମଜ୍ଜା), ପଞ୍ଚଭୋଜ୍ୟ (ଗୋମାଂସ, ଗୋ-ଧୃତ, ଗୋରକ୍ତ, ଗୋକ୍ଷୀର, ଗୋଦଧି) ସାଧାରଣ ମନରେ ଜୁଗପ୍ସା ହିଁ ସୃଷ୍ଟି କରୁଥିଲା । ଯଦିଓ ଏହାର ବାସ୍ତବିକ ଅର୍ଥ ଓ ଭାବ ସଂପୂର୍ଣ୍ଣ ଭିନ୍ନ । ନ୍ୟାସଠାରୁ ଆରମ୍ଭ ହୋଇ ନାମାବଳୀରେ ଶେଷ ହୋଇଥିବା ପର ପାହାଚରେ ‘ତନ୍ମୟତା’ ହିଁ କାମ୍ୟ ହୁଏ । ନିଜ ସତ୍ତାକୁ ଭୁଲିଯିବା ହିଁ ଶ୍ରେୟ ହୁଏ ।

ଜୀବନ୍ମୁକ୍ତି :

ବାମାଚାରକୁ ସମୃଦ୍ଧ କରିଥିବା ସିଦ୍ଧାଚାର୍ଯ୍ୟମାନଙ୍କ ପରେ କେତେକ ଜୀବନଭିତ୍ତିକ ସିଦ୍ଧାନ୍ତ ଯେଥିରେ ସ୍ଥାନ ପାଇଥିଲା । ତାହା ପରବର୍ତ୍ତୀ କାଳରେ ସିଦ୍ଧାନ୍ତାଚାରର ଭାବରେ ପ୍ରସିଦ୍ଧ ହେଲା । ଯାହାକୁ ଆମେ ଷଷ୍ଠ ପାହାଚ କହିବା । ବାମାଚାରର ‘ମୋକ୍ଷ’ ସୁଦୂର ପରାହତ ହେବାପରେ ‘ତନ୍ମୟ’କୁ ଏଥିରେ ଗ୍ରହଣ କରାଯାଇଥିଲା ।

ସପ୍ତମ ପାହାଚ ହେଉଛି କୌଳାଚାର । ତନ୍ତ୍ରବିଜ୍ଞାନର ସର୍ବୋଚ୍ଚ ମାର୍ଗ । ବାମମାର୍ଗରେ କ୍ରିୟାତ୍ମକ ସିଦ୍ଧାନ୍ତ ଏବଂ ଆନୁଷ୍ଠାନିକ ପଥ ହିଁ କୌଳାଚାର । ବାମମାର୍ଗ ଯଥେଷ୍ଟ ପରିଷ୍କୃତ ହୋଇ କୌଳମାର୍ଗରେ ଉଦ୍‌ଭାସିତ ହୋଇଥାଏ । କୌଳମାର୍ଗୀ ବାସ୍ତବରେ ସର୍ବ-ତନ୍ତ୍ର-ସ୍ୱତନ୍ତ୍ର । ପୀଠ, ଉପପୀଠ ଓ ତୀର୍ଥର ପବିତ୍ରତା ତାହାର ଅନ୍ତଃକରଣରେ ପରିସ୍ଫୁଟ ହୋଇସାରିଥାଏ । ମହାନିର୍ବାଣ ତନ୍ତ୍ରର ଚତୁର୍ଥ ଉଲ୍ଲାସ ଅନୁଯାୟୀ କୌଳାଚାର ସାଧନାରେ ବ୍ରହ୍ମଜ୍ଞାନ ଅନୁଭବ ସମ୍ଭବ । ବ୍ରହ୍ମଜ୍ଞାନ ଅନୁଭବ ହିଁ ଜୀବନ୍ମୁକ୍ତି ।

‘ବ୍ରହ୍ମଜ୍ଞାନ ଯୁତୋ ମର୍ତ୍ତ୍ୟୋ ଜୀବନ୍ମୁକ୍ତୋ ନ ସଂଶୟଃ ।’

ଜୀବନ୍ମୁକ୍ତିର କୁଳରୀତି :

ତନ୍ତ୍ରର ଏକ ପାରିଭାଷିକ ଶବ୍ଦ ଇୟେ । ଆମ୍ନାୟ ତନ୍ତ୍ର ବିଜ୍ଞାନର ମାର୍ଗ । ଏକ ପଦ୍ଧତି । କେହି ଆମ୍ନାୟ କହିଲେ ସାଧନାର ଗୁରୁ ପରମ୍ପରା

Click Here & Upgrade
Expanded Features
Unlimited Pages
PDF Complete

କହିଥାନ୍ତି ତ କେହି 'କୁଳରୀତି' ମଧ୍ୟ କହନ୍ତି । ଦୁଇଟିଯାକ ଭାବ ସମାନ । ଗୁରୁ ପରମ୍ପରା ଯାହା କୁଳରୀତି ହିଁ ସେଇଆ । ଗୁରୁଙ୍କ କୁଳର ରୀତି । ସଦ୍‌ଗୁରୁ ବିଶ୍ୱାସମୂଳକ ଉପଦେଶ ଦେଇଥାନ୍ତି । ରାସ୍ତା ଦେଖାଇଥାନ୍ତି । ଏହି ରାସ୍ତା ମନ୍ତ୍ରର ରାସ୍ତା ହୋଇପାରେ ବା ମନ୍ତ୍ରର ଉପଦେଶ ହୋଇପାରେ । ଏହା ଆଧାତ୍ମିକ/ଯୌଗିକ କ୍ରିୟା ବି ହୋଇପାରେ ।

ସାଧନାମାର୍ଗରେ ଉପରକୁ ଉଠିଲେ ଗୋଟିଏ ଆମ୍ନାୟରୁ ଶ୍ରେଷ୍ଠ ଆମ୍ନାୟରେ ପ୍ରବେଶ କରିବାକୁ ପଡ଼େ । ପ୍ରତ୍ୟେକ ରାସ୍ତାରେ ହା-ଦି ମତ ଓ କା-ଦି ମତର ସାମନା କରିବାକୁ ହୋଇଥାଏ । ଏଇ ରାସ୍ତା ପାର ହେବାକୁ ହେଲେ କୁଳରୀତି ଆପଣେଇବାକୁ ପଡ଼େ । ଗୁରୁଙ୍କର ଆବଶ୍ୟକ ପଡ଼େ ।

ଆଧାତ୍ମିକ ବିକଳତା :

ପ୍ରାରବ୍ଧ ସଂସ୍କାରରୁ ଜାଗୃତିର ପ୍ରଚେଷ୍ଟା । ସାଧନାକ୍ଷେତ୍ର ପ୍ରତି ଜାଗ୍ରତ ମାନସିକତାର ଉନ୍ମୁଖତା । ଜଗତ୍ ମିଥ୍ୟାର ଅନୁଭୂତି । ମିଥ୍ୟା ଜଗତରୁ ମୁକ୍ତି ପାଇଁ ଆବଶ୍ୟକ ହୁଏ ଆଧାତ୍ମିକ ବିକଳତା । ସଂସାରରେ ସୁଖଦୁଃଖ, ଜୀବରଗତି ଆନ୍ଦୋଳିତ କରେ ମନକୁ । ମୁଁ କିଏ ? ଶରୀର କ'ଣ ? ମନ କ'ଣ ? ଈଶ୍ୱର କିଏ ? କେଉଁଠି ଅଛନ୍ତି ? ମୁଁ ଯେ ଜଗତକୁ କାହିଁକି ଆସିଛି ?

ଏହାକୁ କୁହାଯାଏ ଆଧାତ୍ମିକ ବିକଳତା । ଉତ୍ତରକୁ ଆଶା ରଖେ । କେବେ ଚାହେଁ ଶୂନ୍ୟକୁ । କେବେ ହୋଇଯାଏ ମଉନ । କେବେ ସଦ୍‌ଗୁରୁ ମାନିତ ହୋଇଥିବା ସିଦ୍ଧାଚାର୍ଯ୍ୟଙ୍କୁ ତ କେବେ ଦେବାଳୟର ସିଂହାସନୁ ଚାହିଁ ରହେ ।

ଜିଜ୍ଞାସା ଆଣିଦିଏ ତା' ପାଇଁ ନୂତନ ଜନ୍ମ । ସଦ୍‌ଗୁରୁଙ୍କର ନିର୍ମଳ ଦର୍ଶନ ହୁଏ ତା'ର । ଯାହା ଜୀବନର ସର୍ବଶ୍ରେଷ୍ଠ ଦିବ୍ୟ ଉପଲବ୍ଧି ।

ଭକ୍ତିର ସାଗର :

କୁଳରୀତିରେ ଆଧାତ୍ମିକ ବିକଳତା ପରେ ଆସେ ଆଉ ଏକ କୁଳରୀତି । ତାହା ଭକ୍ତି ସାଗର । ତନ୍ତ୍ରବିଜ୍ଞାନର ପରିଭାଷାରେ ଏହାକୁ କୁହାଯାଏ 'ଦକ୍ଷିଣାମ୍ନାୟ' । ଆଧାତ୍ମିକ ବିକଳତାର ପରବର୍ତ୍ତୀ ସୋପାନ ଇୟେ । ଏହି ସୋପାନରେ ମନ୍ତ୍ରର ଚୈତନ୍ୟ ସ୍ଫୁରଣ ହୁଏ । ଏହାଦ୍ୱାରା ଅନ୍ତଃକରଣରେ ସରସତା ଓ ଆନନ୍ଦ ଉଦ୍‌ଗମ ହୁଏ ।

ତନ୍ତ୍ରବିଜ୍ଞାନରେ ଏହି ଅବସ୍ଥାକୁ କୁହାଯାଏ ଭକ୍ତିର ସାଗର । ଭାବର ତରଙ୍ଗ ଉଠେ ଯେ ସ୍ତରରେ । ଭାବରାଜ୍ୟର ଭିତ୍ତିଭୂମି ଉପରେ ଠିଆ ହୋଇ ସାଧକଟିଏ ନିଜ ଇଷ୍ଟଙ୍କର ଦର୍ଶନ ଲାଭ କରେ । ସରଳରେ କହିଲେ ଭକ୍ତି ଓ ଭାବର ବିକଶିତ ଅବସ୍ଥାରେ ଭାବଭୂମିରେ ପ୍ରବେଶ କରିବାକୁ ହୁଏ । ସେଠି ଲକ୍ଷ୍ୟସ୍ଥଳ ହୋଇଯାଏ ଇଷ୍ଟପ୍ରାପ୍ତି । ବିଷୟବାସନା ପ୍ରତି ବିରାଗଭାବନା ଆସେ । 'ବିରହ' ଭକ୍ତିର ଅଭ୍ୟୁଦୟ ହୁଏ । ଯାହା ଶ୍ରୀରାଧାଙ୍କର ଶ୍ରୀକୃଷ୍ଣଙ୍କ ବିରହରେ ସୃଷ୍ଟି ହୋଇଥିଲା । ତନ୍ତ୍ରବିଜ୍ଞାନରେ ଭକ୍ତିଯୋଗର ଆମ୍ନାୟ ବୋଲି ଏହାକୁ କୁହାଯାଏ ।

ଅନ୍ତରଙ୍ଗ କର୍ମଯୋଗ :

କୁଳରୀତିରେ ତୃତୀୟ ସୋପାନ ହେଲା ଅନ୍ତରଙ୍ଗ କର୍ମଯୋଗ । ତନ୍ତ୍ରବିଜ୍ଞାନରେ ଯାକୁ 'ପଶ୍ଚିମ ଆମ୍ନାୟ' କୁହାଯାଏ । ଲକ୍ଷ୍ୟ ବିନ୍ଦୁରେ ପହଞ୍ଚିବା ପାଇଁ କର୍ମଯୋଗ ପ୍ରଧାନ ସୋପାନ । ଏହି ସୋପାନ ବାହ୍ୟକ୍ରିୟାଭିତ୍ତିକ ନୁହେଁ । ଅନ୍ତଃକରଣର ଦିବ୍ୟକ୍ରିୟାଭିତ୍ତିକ । ଏହାକୁ ଯୋଗପଥ କହିଲେ ସଠିକ୍ ହେବ । ଉତ୍କଳୀୟଧାରାରେ ପ୍ରାତଃସ୍ମରଣୀୟ ମହାପୁରୁଷ ଅଚ୍ୟୁତାନନ୍ଦ ଏହି ଦିବ୍ୟକ୍ରିୟାକୁ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱରେ ବ୍ୟକ୍ତ କରିଛନ୍ତି ।

କୁଳରୀତିର ଚତୁର୍ଥ ସୋପାନ ହେଉଛି ଆତ୍ମସିଦ୍ଧିର ଉନ୍ନତସୋପାନ । 'ଅଦ୍ୱୈତ ସାକାର'ର ପୂର୍ଣ୍ଣତା ଆସେ ଏହି ସୋପାନରେ । ଓଡ଼ିଶାରେ ଦଶନାମୀ ସମ୍ପ୍ରଦାୟର ପ୍ରଚ୍ଛନ୍ନ ଦାର୍ଶନିକ ରହସ୍ୟ ଠିକ୍ ଏୟା । ଏଇଠି ଜ୍ଞାନଯୋଗର ପ୍ରାଧାନ୍ୟ ଓ ପ୍ରାବଲ୍ୟ ପ୍ରଚୁର । ତନ୍ତ୍ର ବିଜ୍ଞାନରେ ଏହା ଉତ୍ତରାମ୍ନାୟ ପର୍ଯ୍ୟାୟଭୁକ୍ତ । କୁଳରୀତିର ପଞ୍ଚମ ସୋପାନ ହେଉଛି ବିଜ୍ଞାନଯୋଗ । ଏହି ଯୋଗରେ ତ୍ରିକାଳଦ୍ରଷ୍ଟା ହେବା ଅସମ୍ଭବ ନୁହେଁ । ଏଇ ରହସ୍ୟକୁ ବ୍ୟକ୍ତ କରାଯାଏ ତନ୍ତ୍ରବିଜ୍ଞାନର ପାରିଭାଷିକ ଶବ୍ଦ 'ଊର୍ଦ୍ଧ୍ୱାମ୍ନାୟ' ଶବ୍ଦରେ ।

ଗବେଷଣା ଅଧିକାରୀ
ଅଗ୍ରୀୟ ସଂସ୍କୃତ ଗବେଷଣା କେନ୍ଦ୍ର
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଶ୍ରୀବିହାର, ପୁରୀ-୭୫୨୦୦୩